## ସଂକ୍ଷେପରେ

### ଟ୍ରକ୍‌କୁ ପଛରୁ ଧକ୍କା ଦେଲା ଟ୍ରକ୍, ଚାଳକ ମୃତ

ଛତ୍ରପୁର,୨୮।୮(ଡି.ଏନ୍.ଏ.)- ଚମାଖଣ୍ଡି ଥାନା ଅଧୀନ ସୀତା ନଗର ନିକଟ ଜାତୀୟ ରାଜପଥରେ ଗୁରୁବାର ମଧରାତିରେ ଏକ ଟ୍ରକ୍‌କୁ ପଛପଟୁ ଆଉ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଧକ୍କା ଦେଇଥିବା ଟ୍ରକ୍‌ର ଚାଳକ ରମ୍ଭା ଥାନା ଅନ୍ତର୍ଗତ ସନ୍ତୋଷପୁର ଗାଁର କେ. ରାମଚନ୍ଦ୍ର ପାତ୍ରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଛତ୍ରପୁର ହସ୍ପିଟାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଚମାଖଣ୍ଡି ଥାନା ପୋଲିସ ନଂ.୧୦୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଛତ୍ରପୁର ଅଭିମୁଖେ ଆସୁଥିବା ଟ୍ରକ୍ (ଟିଏସ୍ ୧୨ ୟୁବି-୦୫୦୬)କୁ ପଛପଟୁ ଆଉ ଏକ ଟ୍ରକ୍ (ନଂ.ଓଡି-୦୨ ଏଏଚ୍ ୩୬୫୫) ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଆସିକା,୨୮।୮(ଡି.ଏନ୍.ଏ.)- ଆସିକା ଥାନା ଭେଟନଇ ଗ୍ରାମରେ ଗୁରୁବାର ରାତିରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୀପକ କୁମାର ଗୌଡ (୨୧)। ଦୀପକ ଘରେ ଶୋଇଥିଲା ବେଳେ ତାଙ୍କୁ ସାପ କାମୁଡିଥିଲା। ପରିବାର ପକ୍ଷରୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଆସିକା ଥାନାରେ ନଂ.୧୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବେଆଇନ ପଥର ଚାଲାଣ, ଜରିମାନା ଆଦାୟ

ଶେରଗଡ,୨୮।୮(ଡି.ଏନ୍.ଏ.)- ଶେରଗଡ ନିକଟସ୍ଥ ହିଞ୍ଜିଳି ରାସ୍ତାରେ ଗୋଟିଏ ଟିପ୍ପର ଓ ଟ୍ରାକ୍ଟରରେ ପଥର ଚାଲାଣ ହେଉଥିବାବେଳେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଚଢ଼ାଉ କରି ଗାଡିକୁ ଅଟକାଇଥିଲେ। ଟିପରଟିର ଆବଶ୍ୟକ କାଗଜ ପତ୍ର ଥିବାରୁ ଛାଡି ଦେଇଥିଲେ। ଟ୍ରାକ୍ଟରଟି କାଗଜ ପତ୍ର ନଥିବାରୁ ଜବତ କରି ତହସିଲକୁ ଆଣିଥିଲେ। ସେଠାରେ ୫୦୦୦ ଟଙ୍କା ଜରିମାନା ଆଦାୟ ପରେ ଛଡାଯାଇଛି। ଉକ୍ତ ଚଢ଼ାଉରେ ତହସିଲର ବହୁ କର୍ମଚାରୀ ସାମିଲ ଥିଲେ।

### କଣ୍ଟେନ୍‌ମେଣ୍ଟ ଜୋନ୍ ହଟାଇବାକୁ ଦାବି

ଧରାକୋଟ,୨୮।୮(ଡି.ଏନ.ଏ.)- ଧରାକୋଟ ବ୍ଲକର ବାଣିଜ୍ୟ ପେଣ୍ଠସ୍ଥଳୀ ଭାବେ ପରିଚିତ ମୁଣ୍ଡମରାଇ। ଶହେରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୈନିକ ଲକ୍ଷାଧିକ ଟଙ୍କାର କାରବାର କରିଥାନ୍ତି। ଏହି ବଜାର ଉପରେ ୧୦ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏଠାରୁ ବ୍ରହ୍ମପୁର ଓ ଭୁବନେଶ୍ୱରକୁ ମଧ ପ୍ରତିଦିନ ପନିପରିବା ଯାଇଥାଏ। ଦୀର୍ଘ ୨ ମାସ ହେଲା କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ ହେବା ପରେ କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବ୍ୟବସାୟୀଙ୍କ ଅବସ୍ଥା କହିଲେ ନସରେ। ସ୍ଥାନୀୟ ତହସିଲଦାର କବିରାଜ ପ୍ରଧାନ କଣ୍ଟେନ୍‌ମେଣ୍ଟ ଜୋନ୍ ଉଠାଇବାକୁ ଜିଲାପାଳଙ୍କୁ ଚିଠି ଲେଖିଥିବା ବେଳେ କୋଭିଡ୍ ଦାୟିତ୍ୱରେ ଆସିଥିବା ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଧରି ମୁଣ୍ଡମରାଇର ସ୍ଥିତି ଉପରେ ତର୍ଜମା କରିଛନ୍ତି। କେତେକ ବ୍ୟବସାୟୀ ପନିପରିବା ମାର୍କେଟ ବନ୍ଦ କରି ଗ୍ରାମ ବାହାରେ ଅସ୍ଥାୟୀ ଜାଗାରେ ବ୍ୟବସାୟ ପାଇଁ ଦାବି କରୁଥିବା ବେଳେ ଗ୍ରାମ ଭିତରେ ଥିବା ଦୋକାନ, ବଜାର ଖୋଲିବାକୁ ଦାବି ହେଉଛି। ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତି ବିଗିଡି ଗଲାଣି, ତୁରନ୍ତ ଦୋକାନ ଖୋଲିବାକୁ ସେମାନେ ଦାବି କରିଛନ୍ତି।

### ଗଜପତିରେ କମୁନି ପଜିଟିଭ ସଂଖ୍ୟା

#### ଆଉ ୪୬ ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି,୨୮।୮(ସ୍ୱ.ପ୍ର.)- ଗଜପତି ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ଆଉ ୪୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଶୁକ୍ରବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୦୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ମୋହନା ବ୍ଲକରୁ ସର୍ବାଧିକ ୧୬, ପାରଳାଖେମୁଣ୍ଡି ସହରରୁ ୧୨, ଗୋଷାଣୀରୁ ୮, କାଶୀନଗରରୁ ୬, ଗୁମ୍ମାରୁ ୩ ଓ ରାୟଗଡ ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡିଛି। ଏମାନଙ୍କ ମଧରେ ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚବେଳେ ୨୯ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୭ଜଣ ସଂକ୍ରମିତ ହୋଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୧ରୁ ସରକାରୀ ଅଫିସକୁ ପ୍ରବେଶ ଅନୁମତି

ଛତ୍ରପୁର,୨୮।୮(ଡି.ଏନ୍.ଏ.)

କରୋନା ସଂକ୍ରମଣ ପ୍ରତିହତ ପାଇଁ ଗଞ୍ଜାମ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଜନସାଧାରଣଙ୍କ ପ୍ରବେଶକୁ ନିଷେଧ କରାଯାଇଥିଲା। ଜିଲାରେ ଏବେ କରୋନା ସ୍ଥିତିରେ ସୁଧାର ଆସୁଛି। ତେଣୁ ସେପ୍ଟେମ୍ବର ୧ରୁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଜନସାଧାରଣଙ୍କୁ ଯିବାପାଇଁ ଅନୁମତି ମିଳିବ। ଶୁକ୍ରବାର ଛତ୍ରପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଅତିରିକ୍ତ ଜିଲାପାଳ (ଛତ୍ରପୁର) ପାରୁଲ ପଟୱାରି ଏହି ସୂଚନା ଦେଇଛନ୍ତି। ଛତ୍ରପୁର ସବଡିଭିଜନରେ ଗ୍ରାମାଞ୍ଚଳରେ ୩୦ ଓ ସହରାଞ୍ଚଳରେ ୧୫ ଏପରି ମୋଟ ୪୫ଟି ମିନି କଣ୍ଟେନମେଣ୍ଟ ଜୋନ୍ ରହିଛି। ସବ୍‌ଡିଭିଜନ ଅଧୀନ ୯୫୧ ଗାଁ ମଧ୍ୟରୁ ୭୭୧ଟି ଗାଁ ଏବଂ ସହରାଞ୍ଚଳରେ ଥିବା ୧୩୬ ୱାର୍ଡ ମଧ୍ୟରୁ ୯୬ଟି ୱାର୍ଡ ଗ୍ରୀନ୍ ଜୋନ୍‌ରେ ରହିଛି। କରେନାରୁ ସୁସ୍ଥଙ୍କ ମଧ୍ୟରୁ ୧୧୪ ଜଣ ପ୍ଲାଜ୍‌ମା ଦାନ ପାଇଁ ଚିହ୍ନଟ ହୋଇଥିବା ସ୍ୱତନ୍ତ୍ର ଏଡିଏମ୍ କହିଛନ୍ତି। ସବଡିଭିଜନରେ ଏଯାବତ ୬୮,୯୨୨ କରେନା ଟେଷ୍ଟ ହୋଇଛି। ସେଥିରେ ୫୫,୭୪୧ ଆଣ୍ଟିଜେନ୍ ଟେଷ୍ଟ ଓ ୧୩,୧୮୧ ଆରଟି-ପିସିଆର୍ ଟେଷ୍ଟ ରହିଛି। ସବଡିଭିଜନରେ ୩୨ଟି ଆମ୍ବୁଲାନ୍ସ ଓ ୧୬ଟି ଅକ୍ସିଜେନ୍ ଆମ୍ବୁଲାନ୍ସ ଥିବାବେଳେ ଶବବୁହା ପାଇଁ ୩ଟି ଗାଡି ଅଛି। ସବ୍‌ଡିଭିଜନରେ ବର୍ତ୍ତମାନ ସୁଦ୍ଧା ୪୪୯ କରୋନା ଯୋଦ୍ଧାଙ୍କ ସମେତ ୫ ହଜାର ୩୫ ଜଣ ସଂକ୍ରମିତ ହୋଇଛନ୍ତି। ସେଥିମଧ୍ୟରୁ ୪ ,୩୩୮ ଜଣ ସୁସ୍ଥ ହୋଇଛନ୍ତି। ୬୪୦ ଜଣଙ୍କ ଚିକିତ୍ସା ଚାଲିଛି। ୬ କରୋନା ଯୋଦ୍ଧାଙ୍କ ସମେତ ୫୫ ଜଣଙ୍କ ମୃତ୍ୟୁ ହୋଇଛି। ସାମାଜିକ ଦୂରତା, ମାସ୍କ, କୋଭିଡ୍ ନିୟମ ଉଲ୍ଲଂଘନ ପାଇଁ ୨୯ ଲକ୍ଷ ୬୦ ହଜାର ୪୫୦ ଟଙ୍କା ଜରିମାନା ଆଦାୟ ହୋଇଛି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ।


ସ୍ୱତନ୍ତ୍ର ଏଡିଏମ୍ ସୂଚନା ଦେଉଛନ୍ତି।

**ଛତ୍ରପୁର ଉପଖଣ୍ଡରେ ୬୮,୯୨୨ କରୋନା ଟେଷ୍ଟ**

# ଗଞ୍ଜାମରେ କରୋନା ରୋଗୀଙ୍କ ସଂଖ୍ୟା କମୁଛି

ଛତ୍ରପୁର,୨୮।୮(ଡି.ଏନ.ଏ)

- ଦୈନିକ ହେଉଛି ୧୦ ହଜାର ଟେଷ୍ଟ
- ଧନ୍ୟବାଦ ଜଣାଇଲେ ଜିଲାପାଳ

ଗଞ୍ଜାମ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେ ଜିଲାରେ ଦୈନିକ ୧୦ ହଜାର କରୋନା ଟେଷ୍ଟ ହେଉଛି। ରୋଗୀ ସଂଖ୍ୟା ୨୦୦ରୁ ତଳେ ରହୁଛି। ଜନସାଧାରଣଙ୍କ ସହଯୋଗ କରୁଥିବାରୁ ସ୍କ୍ରିନିଂ, ଟେଷ୍ଟ, ରୋଗୀ ଚିହ୍ନଟ ଓ ପରେ ଚିକିତ୍ସା କରାଯାଇପାରୁଛି। ତେଣୁ ଜିଲାବାସୀଙ୍କୁ ଶୁକ୍ରବାର ଏକ ଭିଡିଓ ବାର୍ତ୍ତା ଜରିଆରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଛନ୍ତି। କରୋନା ରୋଗୀ ସଂଖ୍ୟା କମୁଥିବା ନେଇ ଏକ ଗ୍ରାଫ୍ ଜିଲାପାଳ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଏବେ ବି କରୋନା ବିପଦ ଟଳିନି। ଦୈନିକ ନୂଆ ନୂଆ ଟ୍ରେଣ୍ଡ ଦେଖାଦେଉଛି। ସତର୍କତା ହିଁ କରୋନାକୁ ହରାଇ ପାରିବ। ତେଣୁ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପରିଧାନ ନିୟମ ନ ଭୁଲିବାକୁ ଜିଲାପାଳ କହିଛନ୍ତି। ଯେ ପର୍ଯ୍ୟନ୍ତ କରୋନା ପାଇଁ ଔଷଧ ବାହାରି ନାହିଁ ସେ ପର୍ଯ୍ୟନ୍ତ କୋଭିଡ୍ ନିୟମ ପାଳନ କରିବା ବାଧ୍ୟତାମୂଳକ। ନିଜର କିମ୍ବା ଅନ୍ୟ କାହାଠାରେ ଲକ୍ଷଣ ଦେଖାଗଲେ ନ ଲୁଚାଇ ତୁରନ୍ତ କୋଭିଡ୍ ମନିଟର, ଆଶା କିମ୍ବା ଅଙ୍ଗନୱାଡି କର୍ମୀଙ୍କୁ ଜଣାଇବାକୁ ଜିଲାପାଳ କହିଛନ୍ତି।

# ସାମ୍ବିଧାନିକ ଅଧିକାର, ମୂଲ୍ୟବୋଧ ରକ୍ଷା ଦାବି

ବ୍ରହ୍ମପୁର ଅଫିସ,୨୮।୮

ଭାରତବାସୀଙ୍କ ସାମ୍ବିଧାନିକ ଅଧିକାର ଓ ସମ୍ବିଧାନର ମୂଲ୍ୟବୋଧ ରକ୍ଷା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ 'ଯଦି ଆମେ ଉଠିବା ନାହିଁ' ନାମକ ଅଭିଯାନ ଆରମ୍ଭ ହେବ। ଦେଶରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାର ପ୍ରତିବାଦ ସହ କିନ୍ନର ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ଦାବି ନେଇ ଆସନ୍ତା ୫ ତାରିଖରେ କିନ୍ନର ସମ୍ପ୍ରଦାୟ, ମାନବ ଅଧିକାର ସଂଗଠନ, ବିଭିନ୍ନ ମହିଳା ସଂଗଠନ ମିଳିତ ଆନୁକୂଲ୍ୟରେ ଏହି କ୍ୟାମ୍ପେନ ହେବ। ଶୁକ୍ରବାର ଗିରିରୋଡସ୍ଥିତ ବାପଟିଷ୍ଟ ଚର୍ଚ୍ଚ ସ୍କୁଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ସଂଯୋଜିକା ଲେନା ଚାନ୍ଦ ଏହି ସୂଚନା ଦେଇଛନ୍ତି।

୫ ତାରିଖରେ ପ୍ରତିବାଦ ଦିବସ ପାଳନ କରାଯିବା ସହ ସୋସିଆଲ ମିଡିଆ ମାଧମରେ ମଧ ଅବହେଳିତ ତଥା ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହୁଥିବା ସଂମ୍ପ୍ରଦାୟ, ମହିଳା, କିନ୍ନରଙ୍କ ସମସ୍ୟା, ବେକାରୀ ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ଗଞ୍ଜାମ ଜିଲାରେ ହେବାକୁ ଥିବା ଏହି ଅଭିଯାନରେ କିନ୍ନର ମହାସଂଘ ସମେତ ଉତ୍କଳ ଖ୍ରୀଷ୍ଟିୟାନ୍ କାଉନସିଲ, ତ୍ରିରଙ୍ଗା, ସାକ୍ଷୀ ସମେତ ବିଭିନ୍ନ ମହିଳା ସଂଗଠନ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଉତ୍କଳ ଖ୍ରୀଷ୍ଟିୟାନ୍ କାଉନସିଲର ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ସୁଚିତା ମହାନ୍ତି, କିନ୍ନର ମହାସଂଘର ସଭାପତି ସୁଇଟି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ସଂଯୋଜିକା ଓ ଅନ୍ୟମାନେ ।

**୫ରେ 'ଯଦି ଆମେ ଉଠିବା ନାହିଁ' ଅଭିଯାନ**

## କୋଭିଡ୍ ଶ୍ମଶାନକୁ ବିରୋଧ

ପାରଳାଖେମୁଣ୍ଡି,୨୮।୮(ସ୍ୱ.ପ୍ର.):

କେରୋନାରେ ମୃତ୍ୟୁ ଘଟୁଥିବା ଲୋକଙ୍କ ସଂସ୍କାର ପାଇଁ ଗଜପତି ଜିଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ରାମନଗରଠାରେ ଏକ ସ୍ଥାନକୁ କୋଭିଡ୍ ଶ୍ମଶାନ ନିମନ୍ତେ ଚିହ୍ନଟ କରାଯାଇଛି। ତେବେ ଏହାକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ କରାଯାଇଛି। ଏଠାରେ ଘସି ଓ କାଠର ଅଭାବ ଯୋଗୁ ବିଦ୍ୟୁତ ଚୁଲା ଦ୍ୱାରା ମୃତଦେହ ଦାହ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ଏହାର ପ୍ରତିବାଦ କରିଛନ୍ତି। ପ୍ରଶାସନିକ ଅଧିକାରୀ ଓ ତହସିଲଦାର ପହଞ୍ଚି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ତଥାପି କୌଣସି ସୁଫଳ ମିଳିନାହିଁ। ଏ ବିଷୟରେ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ କହିଛନ୍ତି, ଶ୍ମଶାନଘାଟ ଠାରୁ ୧୦୦ ମିଟର ଦୂର ଏକ ପୋଖରୀ ନିକଟରେ କୋଭିଡ୍ ଶ୍ମଶାନ ପାଇଁ ସ୍ଥାନ ଚିହ୍ନଟ ହୋଇଥିଲା। କିନ୍ତୁ କେତେଜଣ ଲୋକ ଭୟ କରୁଛନ୍ତି। ଏ ନେଇ ଆଲୋଚନା ଚାଲିଛି। ପାରଳାଖେମୁଣ୍ଡି ସହରରେ ଘସି ଓ କାଠର ଅଭାବକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ମୃତଦେହ ଦାହ ନିମନ୍ତେ ବିଦ୍ୟୁତ ଚୁଲା ବ୍ୟବସ୍ଥା କରାଯାଇଛି। କରୋନା ପ୍ରକୋପ କମିବା ପରେ ଏହା ଭବିଷ୍ୟତରେ ମଧ କାମରେ ଆସିପାରନ୍ତା ବୋଲି ଅନ୍ୟ କେତେକଙ୍କ ମଧରେ ଆଲୋଚନା ହେଉଛି।

# ଲଗାଣ ବର୍ଷା ଜାରି, ୧୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲା

ବାଲିଗୁଡା,୨୮।୮(ଡି.ଏନ୍.ଏ.)

ବାଲିଗୁଡାରେ ୨ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ବିଲବାଡି ଜଳାର୍ଣ୍ଣବ ହୋଇ ପଡିଥିବାବେଳେ ଧାନ ଓ ପନିପରିବା ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି। ଏନ୍‌ଏସିର କଟପଡି, ବଡଗାଁ ଛକ, ଗଞ୍ଜୁପଡି ଆଦି ଅଞ୍ଚଳର ହେମନ୍ତ କୁମାର ଦିଗାଳ, କମଳା ଦିଗାଳ, ଯମୁନା ଦିଗାଳ, ତପା ଦିଗାଳ, ବିଶ୍ୱନାଥ ଦିଗାଳ ଆଦି ୧୦ରୁ ଅଧିକ ଲୋକଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ବହୁ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ମଧ ସେମାନଙ୍କର ପଟ୍ଟା ନ ଥିବାରୁ ପଲଥିନ ଛଡା ଆଉ କିଛି ସରକାରୀ ସହାୟତା ମିଳିପାରୁ ନାହିଁ। ଏନେଇ ଆର୍‌ଆଇ ରୁନୁମା ମଳିକ କହିଛନ୍ତି, ପ୍ରାୟ ଆଠରୁ ଦଶଟି ଘର ଭାଙ୍ଗିଛି ଓ ସେମାନଙ୍କୁ ପଲିଥିନ ଦିଆଯାଇଛି। ଅନ୍ୟମାନଙ୍କୁ ତଦନ୍ତ ପରେ ଦିଆଯିବ। ବାଲିଗୁଡା ବ୍ଲକ ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତ ଦେଇ ଯାଇଥିବା ଖଡ୍‌ଗନଦୀ ଫୁଲୁଥିବାରୁ ନଦୀକୂଳିଆ ଲୋକେ ବନ୍ୟା ଜଳ ଗାଁରେ ପଶିବା ଆଶଙ୍କାରେ ଭୟଭୀତ ହୋଇ ପଡିଛନ୍ତି।

# ସେବାଶ୍ରମ ସ୍କୁଲରେ ଆଣ୍ଠୁଏ ପାଣି


ସ୍କୁଲ ପରିସରରେ ପାଣି ଜମି ରହିଛି।

ଖଜୁରିପଡ଼ା,୨୮।୮

ଖଜୁରିପଡ଼ା ବ୍ଲକ ସୁଡ୍ରୁକୁମ୍ପା ପଞ୍ଚାୟତ ରାଣୀପଥର ସେବାଶ୍ରମ ସ୍କୁଲ ଭିତରେ ଆଣ୍ଠୁଏ ପାଣି ଜମି ରହିଛି। ଏହି ସମସ୍ୟା ଦୀର୍ଘଦିନର ହୋଇଥିଲେ ମଧ କେହି ଦୃଷ୍ଟି ଦେଉ ନାହାନ୍ତି। ସ୍କୁଲ ସମ୍ମୁଖରେ ଯାଇଥିବା ଜାତୀୟ ରାଜପଥ ନଂ.୧୫୭ ସମ୍ପ୍ରସାରଣ ବେଳେ ଏହାକୁ ଉଚ୍ଚା କରାଯାଇଥିଲା। ସେତେବେଳେ ଏହାର ଡ୍ରେନେଜ୍ ବ୍ୟବସ୍ଥା ହୋଇ ନ ଥିଲା। ସ୍କୁଲଟି ଖାଲରେ ଥିବାରୁ ଅସରାଏ ବର୍ଷା ହେଲେ ରାସ୍ତା ପାଣି ସ୍କୁଲ ଭିତରେ ପଶୁଛି। ରାସ୍ତା ନିର୍ମାଣ ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ମଧ ସମ୍ପୃକ୍ତ ଠିକାଦାରଙ୍କୁ ଏ ବିଷୟରେ କିଛି କହି ନ ଥିବାରୁ ଏବେ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅନ୍ୟ ଶିକ୍ଷକ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଥା ଶୀଘ୍ର ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ଲକ ଅଫିସ୍ ଆଗରେ ପ୍ରବାସୀଙ୍କ ବିକ୍ଷୋଭ



ବ୍ଲକ ଅଫିସ୍ ସମ୍ମୁଖରେ ପ୍ରବାସୀ ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦିଗପହଣ୍ଡି,୨୮।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଦୀର୍ଘଦିନ ହେଲା ସରକାରୀ ସହାୟତା ରାଶି ମିଳିନାହିଁ। ପ୍ରତିବାଦରେ ଶୁକ୍ରବାର ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ବିଡିଓ ହଳଧର ଶବରଙ୍କୁ ସାକ୍ଷାତ କରି ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଅଛନ୍ତି। ଅଭିଯୋଗର ତଦନ୍ତ ପରେ ସେମାନଙ୍କୁ ପ୍ରାପ୍ୟ ଅର୍ଥରାଶି ପ୍ରଦାନ କରାଯିବ ବୋଲି ବିଡିଓ କହିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସମୁଦାୟ ୫୦୭ ପ୍ରବାସୀ ଶ୍ରମିକଙ୍କୁ ପ୍ରାୟ ୯ ଲକ୍ଷ ୯୦ ହଜାର ଟଙ୍କା ସହାୟତା ଅର୍ଥରାଶି ବଣ୍ଟନ କରାଯାଇଛି। ପଞ୍ଚାୟତ ପାଣ୍ଠିକୁ ଅଧିକା ଅର୍ଥରାଶି ଆସି ନଥିବାରୁ ବଳକା ପ୍ରବାସୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ଅତିଶୀଘ୍ର ଏହା ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

## ଏନ୍‌ଏସି ପ୍ରଶାସନ ପକ୍ଷରୁ ଚାରାରୋପଣ

ବୁଗୁଡ଼ା,୨୮।୮(ଡି.ଏନ୍.ଏ.)

ବୁଗୁଡ଼ା ଏନ୍‌ଏସି ପ୍ରଶାସନ ପକ୍ଷରୁ ଶୁକ୍ରବାର ବୁଗୁଡ଼ା-ପୋଲସରା ରାସ୍ତା ଶାନ୍ତିନଗର ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ଓଏସ୍‌ଡି ବିଶ୍ୱରଞ୍ଜନ କଅଁରଙ୍କ ସମେତ ଅଶୋକ ସାହୁ, ନିତ୍ୟାନନ୍ଦ ବାଡ଼ତ୍ୟା, କୋଭିଡ୍ ମନିଟର ଦୀପକ କୁମାର ଦାଶ, ଛଦ୍ମାଚରଣ ମିଶ୍ର, ସୀତାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ବ୍ରହ୍ମପୁର ଅଫିସ,୨୮।୮

**ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ**

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୧୪ତାରିଖରେ ଅପହରଣ କରାଯାଇଥିଲା। ଝିଅ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ନାବାଳିକାଙ୍କ ବାପା ଜାଣିବା ପରେ କୃଷ୍ଣପ୍ରସାଦ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରିଥିଲା। ପୋଲିସ ଉକ୍ତ ସ୍ଥାନକୁ ଯାଇଥିଲେ ମଧ କାହାରିକୁ ପାଇ ନ ଥିଲା। ୧୮ ତାରିଖରେ ଗାଁର ଜଣଙ୍କ ଘରେ ଝିଅ ଥିବା ପରିବାର ଲୋକେ ଖବରପାଇ ସେଠାକୁ ଯାଇଥିଲେ। ସେଠାରେ ନାବାଳିକା ଜଣକ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖାଯାଇଥିଲା। ଏ ନେଇ ଥାନାକୁ ଖବର ଦିଆଯାଇଥିଲା। ନାବାଳିକାଙ୍କୁ ଉଦ୍ଧାର ପରେ ପ୍ରଥମେ କୃଷ୍ଣପ୍ରସାଦ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବଳାତ୍କାର ପରେ ଝିଅକୁ ବିଷ ଦେଇ ହତ୍ୟା ଉଦ୍ୟମ କରାଯାଇଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। କୃଷ୍ଣପ୍ରସାଦ ଥାନା ପୋଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଫେରାର୍ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ନାବାଳିକାଙ୍କ ବାପା ବ୍ରହ୍ମପୁରରେ ଖବରଦାତାମାନଙ୍କୁ କହିଛନ୍ତି। ସୂଚନାଯୋଗ୍ୟ, କୃଷ୍ଣପ୍ରସାଦ ଥାନାରେ ଏ ନେଇ ନଂ.୧୩୨/୨୦ରେ ପୋଲିସ ଅପହରଣ ମାମଲା ରୁଜୁ କରିଛି।

# ଅଭିଯୋଗ ପରେ ଯନ୍ତ୍ରୀଙ୍କ ନିର୍ମାଣସ୍ଥଳ ପରିଦର୍ଶନ

ଗଞ୍ଜାମ,୨୮।୮(ଡି.ଏନ୍.ଏ.)

ଗଞ୍ଜାମ ସହର ସୌନ୍ଦର୍ଯ୍ୟକରଣ ନିମନ୍ତେ ରାସ୍ତା ଉଭୟ ପାର୍ଶ୍ୱ ପ୍ରଶସ୍ତିକରଣ କାମ ଚାଲୁ ରହିଛି। କାର୍ଯ୍ୟରେ ଅନିୟମିତତା ନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଅଭିଯୋଗ କରିବା ସହ ସୋସିଆଲ ମିଡିଆରେ ଉକ୍ତ ଖବରକୁ ଭାଇରାଲ କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଯମୁନା ବେହେରା ନିର୍ମାଣ ସ୍ଥଳ ପରିଦର୍ଶନ କରିଥିଲେ। ଲଗାଣ ବର୍ଷା ଯୋଗୁ କିଛି ବାଲି ଧୋଇ ହୋଇଯାଇଥିବା ତଦନ୍ତ ବେଳେ ନିର୍ବାହୀ ଯନ୍ତ୍ରୀ ବେହେରା ଜାଣିବାକୁ ପାଇଥିବା କହିଛନ୍ତି। ଏଥିସହିତ ପ୍ରଶାସନର ଗାଇଡ୍‌ଲାଇନ ଅନୁସାରେ କାମ କରିବାକୁ ନିର୍ବାହୀ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।


ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ନିର୍ମାଣ ସ୍ଥଳ ବୁଲି ଦେଖୁଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛାତ୍ର କଂଗ୍ରେସର ଦାବିପତ୍ର

ବ୍ରହ୍ମପୁର ଅଫିସ,୨୮।୮

କରୋନା ମହାମାରୀ ପ୍ରକୋପ କମି ନ ଥିବାରୁ ସାରା ଦେଶରେ ଏନ୍‌ଇଇଟି ଓ ଜେଇଇ (ମେନ) ପରୀକ୍ଷା ବାତିଲ କରିବାକୁ ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଶୁକ୍ରବାର ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶର ଅନେକ ରାଜ୍ୟରେ ବର୍ତ୍ତମାନ କରୋନା ସ୍ଥିତିରେ ସୁଧାର ଆସିନାହିଁ। ଓଡିଶାର ଅନେକ ଜିଲାରେ ମଧ ଲଘୁଚାପଜନିତ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଏନଇଇଟି ଓ ଜେଇଇ ପରୀକ୍ଷା ଦେବାରେ ଛାତ୍ରୀଛାତ୍ର ଅସୁବିଧା ଭୋଗିବେ। ଏଥିସହ କରୋନା ସଂକ୍ରମଣ ହେବା ଆଶଙ୍କା ମଧ ରହୁଛି। ତେଣୁ ଉକ୍ତ ଦୁଇ ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରିବାକୁ ଦଳ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ସଭାପତି ପତିତପାବନ ଗନ୍ତାୟତ, ସମ୍ପାଦକ ତତ୍‌ସତ୍ ସୁବୁଦ୍ଧି, ଜିଲା ଛାତ୍ର କଂଗ୍ରେସ ନେତା ବିଜୟରାଜ ପାଣିଗ୍ରାହୀ, ରାଜୀବ ଖୁଣ୍ଟିଆ, ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ର କଂଗ୍ରେସର କାର୍ଯ୍ୟକର୍ତ୍ତା ।

**ଏନ୍‌ଇଇଟି, ଜେଇଇ ପରୀକ୍ଷା ବାତିଲ ଦାବି**

